# NATIONAL NEWS BULLETIN (ODIA)
## 04th October - 2023
## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଜିତେନ୍ଦ୍ର କୁମାର ନାୟକ**

## ମୁଖ୍ୟ ସମ୍ବାଦ

- ଉଜ୍ଜ୍ୱଳା ହିତାଧିକାରୀଙ୍କ ପାଇଁ କେନ୍ଦ୍ର ସରକାର ଏଲ୍.ପି.ଜି. ସିଲିଣ୍ଡର ପିଛା ରିହାତି ୧୦୦ ଟଙ୍କା ବୃଦ୍ଧି କରିଛନ୍ତି ।
- କେନ୍ଦ୍ର ସରକାର ଜାତୀୟ ହଳଦୀ ବୋର୍ଡ଼ ପ୍ରତିଷ୍ଠା ଲାଗି ଆଜି ବିଜ୍ଞପ୍ତି ଜାରି କରିଛନ୍ତି ।
- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ରାଜସ୍ଥାନ ଗସ୍ତରେ ଯାଇ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବେ ।
- ରିଜର୍ଭ ବ୍ୟାଙ୍କ ମୁଦ୍ରାନୀତି କମିଟିର ଦ୍ୱି-ମାସିକ ବୈଠକ ଆଜି ମୁମ୍ବାଇରେ ଆରମ୍ଭ ହୋଇଛି ।

ଏବଂ

- ଚୀନ୍‌ର ହାଙ୍ଗ୍‌ଝୌ'ଠାରେ ଚାଲିଥିବା ଏସୀୟ କ୍ରୀଡ଼ାରେ ଭାରତ ଏପର୍ଯ୍ୟନ୍ତ ୧୭ଟି ସ୍ୱର୍ଣ୍ଣ ସହ ୮୦ଟି ପଦକ ପାଇଛି ।

## କ୍ୟାବିନେଟ୍ ଡିସିସନ୍

ଉଜ୍ଜ୍ୱଳା ହିତାଧିକାରୀଙ୍କ ପାଇଁ କେନ୍ଦ୍ର ସରକାର ଏଲ୍.ପି.ଜି. ସିଲିଣ୍ଡର ପିଛା ରିହାତି ୧୦୦ ଟଙ୍କା ବୃଦ୍ଧି କରିଛନ୍ତି । ନୂଆଦିଲ୍ଲୀରେ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ସିଂହ ଠାକୁର ଗଣମାଧ୍ୟମକୁ କହିଛନ୍ତି, କେନ୍ଦ୍ର କ୍ୟାବିନେଟ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଛି । ଫଳରେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳ ଯୋଜନା ହିତାଧିକାରୀମାନେ ସିଲିଣ୍ଡର ପିଛା ପାଇଆସୁଥିବା ୨୦୦ ଟଙ୍କା ପରିବର୍ତ୍ତେ ୩୦୦ ଟଙ୍କା ରିହାତି ସୁବିଧା ପାଇପାରିବେ ।

ସେହିପରି କେନ୍ଦ୍ରମନ୍ତ୍ରୀ ଶ୍ରୀ ଠାକୁର କହିଛନ୍ତି, ଆନ୍ତଃରାଜ୍ୟ ନଦୀ ଜଳ ବିବାଦ ଆଇନ-୧୯୫୬ ଅଧୀନରେ ତେଲଙ୍ଗାନା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ କ୍ରିଷ୍ଣା ଜଳବିବାଦ ଟ୍ରିବ୍ୟୁନାଲ୍-୨ର ସମାଧାନ ଲାଗି ସର୍ତ୍ତାବଳୀକୁ ଅନୁମୋଦନ କରିଛନ୍ତି । ଏହି ନିଷ୍ପତ୍ତି ଉଭୟ ରାଜ୍ୟ ପାଇଁ ବିବାଦର ସମାଧାନର ନୂଆ ସୂତ୍ର ବାହାର କରିବା ବୋଲି ମନ୍ତ୍ରୀ କହିଛନ୍ତି । ତେଲଙ୍ଗାନାରେ ସମକ୍କା ସରକ୍କା କେନ୍ଦ୍ରୀୟ ଆଦିବାସୀ ବିଶ୍ୱବିଦ୍ୟାଳୟ ସ୍ଥାପନ ଲାଗି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଆଇନ-୨୦୦୯ରେ ଏକ ସଂଶୋଧନକୁ ମଧ୍ୟ କେନ୍ଦ୍ର ସରକାର ମଞ୍ଜୁରି

ପ୍ରଦାନ କରିଛନ୍ତି । ଏହା ମୁଲୁଗୁ ଜିଲ୍ଲାରେ ୮୮୯ କୋଟି ଟଙ୍କା ବ୍ୟୟରେ ପ୍ରତିଷ୍ଠା କରାଯିବ । ଏହି ନୂଆ ବିଶ୍ୱବିଦ୍ୟାଳୟ ରାଜ୍ୟରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଗୁଣବତ୍ତା ବୃଦ୍ଧି କରିବା ସହ ଆଦିବାସୀ କଳା, ସଂସ୍କୃତି ଏବଂ ପରମ୍ପରାର ଗବେଷଣା ଦିଗରେ ବିଶେଷ ସହାୟକ କହେବ ।

କେନ୍ଦ୍ର କ୍ୟାବିନେଟ୍ ମଧ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ ପ୍ରଜାସତ୍ତ୍ୱ ନିୟମାବଳି-୨୦୨୩, ଦାଦ୍ରା ଓ ନଗର ହାବେଳି ଏବଂ ଡାମନ୍ ଓ ଡିଉ ପ୍ରଜାସତ୍ତ୍ୱ ନିୟମାବଳି-୨୦୨୩, ଲାକ୍ଷାଦ୍ୱୀପ ପ୍ରଜାସତ୍ତ୍ୱ ନିୟମାବଳି-୨୦୨୩ ଲାଗି ଅଧ୍ୟାଦେଶ ସଂକ୍ରାନ୍ତ ପ୍ରସ୍ତାବକୁ ମଞ୍ଜୁରି ପ୍ରଦାନ କରିଛନ୍ତି । ଏହି ଅଧ୍ୟାଦେଶ ସମ୍ପୃକ୍ତ ଅଞ୍ଚଳରେ ଜମିମାଲିକ ଏବଂ ପ୍ରଜାଙ୍କ ମଧ୍ୟରେ ସ୍ୱାର୍ଥ ଓ ଅଧିକାରକୁ ସନ୍ତୁଳିତ କରିବା ଦିଗରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ଆଣିବ ବୋଲି ମନ୍ତ୍ରୀ କହିଛନ୍ତି ।

## ଗଭ୍ - ଟର୍‌ମେରିକ୍ ବୋର୍ଡ଼

କେନ୍ଦ୍ର ସରକାର ଜାତୀୟ ହଳଦୀ ବୋର୍ଡ଼ ପ୍ରତିଷ୍ଠା ଲାଗି ଆଜି ବିଜ୍ଞପ୍ତି ଜାରି କରିଛନ୍ତି । ଦେଶରେ ହଳଦୀ ଏବଂ ହଳଦୀଜାତ ସାମଗ୍ରୀର ବିକାଶ ଓ ଅଭିବୃଦ୍ଧି କ୍ଷେତ୍ରରେ ଏହି ବୋର୍ଡ଼ ସହାୟକ ହେବ । ହଳଦୀ କ୍ଷେତ୍ରରେ ବିକାଶ ଲାଗି ଜାତୀୟ ହଳଦୀ ବୋର୍ଡ଼' ମସଲା ବୋର୍ଡ଼ ଏବଂ ସରକାରଙ୍କ ଅନ୍ୟାନ୍ୟ ସଂସ୍ଥା ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବ । ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜି. କିଷାନ ରେଡ୍ଡୀ

କହିଛନ୍ତି, ଏହି ବୋର୍ଡ଼ ହଳଦୀ ବ୍ୟବହାର ଏବଂ ବିଶ୍ୱସ୍ତରରେ ଏହାର ବଜାରକୁ ପରିବ୍ୟାପ୍ତ କରିବା ଲାଗି ରପ୍ତାନୀ ବୃଦ୍ଧି ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିବ । ତେଲଙ୍ଗାନାରେ ଚାଷୀମାନଙ୍କର ଏହା ଦୀର୍ଘଦିନର ଦାବି ରହି ଆସିଥିଲା ।

ଭାରତ ବିଶ୍ୱରେ ସର୍ବବୃହତ୍ ହଳଦୀ ଉତ୍ପାଦନ, ଉପଭୋକ୍ତା ଏବଂ ରପ୍ତାନୀକାରୀ ଦେଶ ଭାବେ ପରିଚିତି ହାସଲ କରିଛି । ଭାରତରେ ୨୦ରୁ ଅଧିକ ରାଜ୍ୟରେ ୩୦ କିସମରୁ ଅଧିକ ହଳଦୀ ଚାଷ କରାଯାଇଥାଏ । ସେଥିମଧ୍ୟରୁ ମହାରାଷ୍ଟ୍ର, ତେଲଙ୍ଗନା, କର୍ଣ୍ଣାଟକ ଏବଂ ତାମିଲନାଡୁ ହେଉଛନ୍ତି ସର୍ବାଧିକ ଉତ୍ପାଦନକାରୀ ରାଜ୍ୟ । ବିଶ୍ୱ ହଳଦୀ ବ୍ୟବସାୟରେ ଭାରତର ଅଂଶ ୬୨ ପ୍ରତିଶତରୁ ଅଧିକ ରହିଛି ବୋଲି କୁହାଯାଉଛି ।

## ପି.ଏମ୍. - ସିକ୍କିମ ସି.ଏମ୍.

ସିକ୍କିମ୍‌ରେ ହିମବାହଜନିତ ବନ୍ୟା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସିକ୍କିମ୍ ମୁଖ୍ୟମନ୍ତ୍ରୀ ପ୍ରେମ୍ ସିଂହ ତମାଙ୍ଗ'ଙ୍କ ସହ ସମ୍ପ୍ରତି ସ୍ଥିତି ନେଇ କଥାବାର୍ତ୍ତା କରିଛନ୍ତି । ଏଭଳି ଅସ୍ୱାଭାବିକ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ପ୍ରଭାବିତ ହୋଇଥିବା ବ୍ୟକ୍ତିମାନଙ୍କ ସୁରକ୍ଷା ଲାଗି ସେ ପ୍ରାର୍ଥନା କରୁଥିବାବେଳେ ରାଜ୍ୟ ସରକାରଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀଙ୍କୁ ସେ ଆଶ୍ୱାସନା ଦେଇଛନ୍ତି ।

# ପି.ଏମ୍. - ରାଜସ୍ଥାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ରାଜସ୍ଥାନର ଯୋଧପୁର ଗସ୍ତ କରିବେ । ସେଠାରେ ସେ ୫ ହଜାର କୋଟି ଟଙ୍କା ବ୍ୟୟରେ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି । ସେହି ପ୍ରକଳ୍ପଗୁଡ଼ିକ ସଡ଼କ, ରେଳ, ବିମାନ ଚଳାଚଳ, ସ୍ୱାସ୍ଥ୍ୟ ଓ ଉଚ୍ଚଶିକ୍ଷା କ୍ଷେତ୍ରରୁ ରହିଛି ।

ରାଜସ୍ଥାନର ସ୍ୱାସ୍ଥ୍ୟ ମୌଳିକ ଢାଞ୍ଚାର ବିକାଶ ପାଇଁ ସେ  ଅନେକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ସେଗୁଡ଼ିକ ମଧ୍ୟରେ ଯୋଧପୁର AIIMS ଠାରେ ୩୫୦ ଶଯ୍ୟା ବିଶିଷ୍ଟ ଟ୍ରମା ସେଣ୍ଟର ଓ କ୍ରିଟିକାଲ କେୟାର ହସ୍‌ପିଟାଲ ବ୍ଲକ  ରହିଛି। ଏହା ବ୍ୟତୀତ ରାଜସ୍ଥାନରେ ୭ଟି କ୍ରିଟିକାଲ କେୟାର ହସ୍‌ପିଟାଲ ବ୍ଲକ ମଧ୍ୟ ରହିଛି।

ଶ୍ରୀ ମୋଦୀ ଯୋଧପୁର ବିମାନ ବନ୍ଦରଠାରେ ନୂଆ ଟର୍ମିନାଲ ବିଲ୍‌ଡିଙ୍ଗ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ତାହାର ନିର୍ମାଣ ପାଇଁ ୪୮୦ କୋଟି ଟଙ୍କା ଖର୍ଚ୍ଚ ହେବ। ସେହି ନୂଆ ଟର୍ମିନାଲ ୨୪ ହଜାର ବର୍ଗମିଟର ଅଞ୍ଚଳରେ ସ୍ଥାପନ କରାଯିବ ଓ ଭିଡ଼ ସମୟରେ ଅଢ଼େଇ ହଜାର ଯାତ୍ରୀଙ୍କୁ ସେବା ଯୋଗାଇବ। ବାର୍ଷିକ ସେଠାରେ ୩୫ ଲକ୍ଷ ବିମାନ ଯାତ୍ରୀ ସେବା ପାଇପାରିବେ।

ପ୍ରଧାନମନ୍ତ୍ରୀ IIT ଯୋଧପୁରକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ। ତାହାର ନିର୍ମାଣ ପାଇଁ ୧ ହଜାର ୧୩୫ କୋଟି ଟଙ୍କା ଖର୍ଚ୍ଚ ହୋଇଛି।

# ମୁମ୍ବାଇ-ଆର୍.ବି.ଆଇ.-ଏମ୍.ପି.ସି.

ରିଜର୍ଭ ବ୍ୟାଙ୍କ ମୁଦ୍ରାନୀତି କମିଟିର ଦ୍ୱିମାସିକ ବୈଠକ ଆଜି ମୁମ୍ବାଇରେ ଆରମ୍ଭ ହୋଇଛି। ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଶୁକ୍ରବାର ମୁଦ୍ରାନୀତି ଘୋଷଣା କରିବେ। ସେହିଦିନ ସେ ଏକ ସାମ୍ବାଦିକ ସମ୍ମିଳନୀରେ ଉଦ୍‌ବୋଧନ ଦେବେ। ଗତ ଥରର ବୈଠକ ପରେ ମୁଦ୍ରାନୀତି କମିଟି ସୁଧହାର ଅପରିବର୍ତ୍ତିତ ରଖିଥିଲା। ସେହି ଅନୁସାରେ ବର୍ତ୍ତମାନ ରେପୋ ରେଟ୍ ଶତକଡ଼ା ୬ ଦଶମିକ ୫ ଭାଗ, ରିଭର୍ସ ରେପୋ ରେଟ୍ ଶତକଡ଼ା ୩ ଦଶମିକ ୩/୫ ଭାଗ ଏବଂ ବ୍ୟାଙ୍କ ରେଟ୍ ଶତକଡ଼ା ୬ ଦଶମିକ ୭/୫ ଭାଗ ରହିଛି। ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ GDP ଅଭିବୃଦ୍ଧି ହାରକୁ ରିଜର୍ଭ ବ୍ୟାଙ୍କ ଶତକଡ଼ା ୬ ଦଶମିକ ୫ ଭାଗ ରଖିଛି।

# ଡବ୍ଲ୍ୟୁ.ବି. ଫ୍ଲଡ୍ ଆଲର୍ଟ

ପଶ୍ଚିମବଙ୍ଗର ୭ଟି ଜିଲ୍ଲାକୁ ବନ୍ୟା ସତର୍କତା ଜାରି କରାଯାଇଛି । ସତର୍କତାମୂଳକ ପଦକ୍ଷେପସ୍ୱରୂପ କାଲିମପଙ୍ଗ, ଦାର୍ଜିଲିଙ୍ଗ୍ ଓ ଜଲପାଇଗୁଡ଼ି ଜିଲ୍ଲାରୁ ଲୋକମାନଙ୍କୁ ନିରାପଦ ଅଞ୍ଚଳକୁ ସ୍ଥାନାନ୍ତରିତ କରାଯାଇଛି । ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି, ସେହି ଜିଲ୍ଲାଗୁଡ଼ିକରୁ ଲୋକମାନଙ୍କୁ ନିରାପଦ ଅଞ୍ଚଳକୁ ସ୍ଥାନାନାନ୍ତରିତ କରିବା ଲାଗି ସମସ୍ତ

ପଦକ୍ଷେପ ନିଆଯାଇଛି । ରାଜ୍ୟର ବରିଷ୍ଠ ମନ୍ତ୍ରୀ ଓ ବରିଷ୍ଠ ପ୍ରଶାସନିକ ଅଫିସରମାନେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟର ତଦାରଖପାଇଁ ଉତ୍ତରବଙ୍ଗକୁ ଯାଇଛନ୍ତି । ବନ୍ୟାରେ ଯେପରି କୌଣସି ଲୋକ ମୃତ୍ୟୁବରଣ ନ କରନ୍ତି, ତାହା ନିଶ୍ଚିତ କରିବାକୁ ଯଥାସମ୍ଭବ ଉଦ୍ୟମ କରାଯାଉଛି । ଗତରାତିରୁ କୋଲ୍କାତାରେ ଲଗାଣ ବର୍ଷା ହେଉଛି । ଏହାଯୋଗୁଁ ରାସ୍ତାଘାଟ ଜଳମଗ୍ନ ହେବା ସହ ଯାନବାହନ ଚଳାଚଳରେ ବାଧା ସୃଷ୍ଟି ହୋଇଛି ।

ପଶ୍ଚିମ ମେଦିନୀପୁର, ବଙ୍କୁଡ଼ା, ପୁରୁଲିଆ ଓ ପୂର୍ବ ବର୍ଦ୍ଧମାନ ଜିଲ୍ଲାରେ ମଧ୍ୟ ବନ୍ୟା ସଦୃଶ ପରିସ୍ଥିତି ସୃଷ୍ଟି ହୋଇଛି । ଦାମୋଦର ଭ୍ୟାଲି କର୍ପୋରେସନ୍ଦ୍ୱାରା ମଇଥୋନ ଓ ପଞ୍ଚେତ୍ ବନ୍ଧରୁ ୯୦ ହଜାର ଘନଫୁଟ ଜଳ ଛଡ଼ାଯାଇଥିଲା । ଗତ ସୋମବାର ଦିନ ସେହି ଦୁଇବନ୍ଧରୁ ୧ ଲକ୍ଷ ଘନଫୁଟ ଜଳ ଛଡ଼ାଯାଇଥିଲା ।

## ପାକିସ୍ତାନ - ଟେରରିଷ୍ଟ

ପାକିସ୍ତାନର ଖାଇବର ପଖ୍ତୁନ୍ଖ୍ୱାଠାରେ ଗତକାଲି ଆତଙ୍କବାଦୀ ଓ ନିରାପତ୍ତା ବାହିନୀ ମଧ୍ୟରେ ସଂଘର୍ଷ ଘଟିବାରୁ ଅତିକମ୍ରେ ୧୦ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି । ପାକିସ୍ତାନ ସାମରିକ ଗଣମାଧ୍ୟମ ଶାଖା Inter-Services Public Relationsର ତଥ୍ୟ ଅନୁଯାୟୀ ସମ୍ପୃକ୍ତ ଅଞ୍ଚଳରେ ଆତଙ୍କବାଦୀଙ୍କ ଉପସ୍ଥିତି ଥିବା ନେଇ ଗୁଇନ୍ଦା ରିପୋର୍ଟ ମିଳିବା

ପରେ ନିରାପତ୍ତା ବାହିନୀ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । ନିରାପତ୍ତା ବାହିନୀ ଏବଂ ନିରୀହ ନାଗରିକଙ୍କୁ ହତ୍ୟା କରିବା କାର୍ଯ୍ୟରେ ଏହି ଆତଙ୍କବାଦୀମାନେ ସକ୍ରିୟ ଥିଲେ ।

ଗତବର୍ଷ ନଭେମ୍ବରରେ ପାକିସ୍ତାନ ସହ ତେହରିକ୍-ଇ-ତାଲିବାନ ପାକିସ୍ତାନ ଯୁଦ୍ଧବିରତି ସମାପ୍ତି ଘୋଷଣା କରିବା ପରେ ବୃଦ୍ଧି ପାଇଥିବା ଆତଙ୍କବାଦକୁ ଦମନ କରିବା ଲାଗି ନିରାପତ୍ତା ବାହିନୀ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ପାକିସ୍ତାନର କାମଚଳା ଆଭ୍ୟନ୍ତରୀଣ ମନ୍ତ୍ରୀ ସର୍ଫରାଜ ବୁଗ୍ତି ଦେଶରେ ହୋଇଥିବା ଅଧିକାଂଶ ଆତଙ୍କବାଦୀ ଆକ୍ରମଣ ଲାଗି ଆଫଗାନିସ୍ତାନ ଉଗ୍ରବାଦୀକୁ ଦାୟୀ କରିଛନ୍ତି ।

## ଏସିଆନ୍ ଗେମ୍ସ

ଚୀନ୍‌ର ହାଙ୍ଗ୍‌ଝୌ'ଠାରେ ଚାଲିଥିବା ଏସୀୟ କ୍ରୀଡ଼ାରେ ଭାରତ ଏପର୍ଯ୍ୟନ୍ତ ୮୦ଟି ପଦକ ପାଇଛି । ସେଥିମଧ୍ୟରେ ୧୭ଟି ସ୍ୱର୍ଣ୍ଣ ୩୧ଟି ରୌପ୍ୟ ଏବଂ ୩୨ଟି ବ୍ରୋଞ୍ଜ୍ ରହିଛି । ଏସୀୟ କ୍ରୀଡ଼ାରେ ଏହାର ଭାରତ ସର୍ବଶ୍ରେଷ୍ଠ ପ୍ରଦର୍ଶନ । କ୍ରୀଡ଼ାର ଏକାଦଶ ଦିବସରେ ଭାରତୀୟ କ୍ରୀଡ଼ାବିତ୍‌ମାନେ ସେମାନଙ୍କର ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି ।

ପୁରୁଷ ଜାଭେଲିନ୍ ଥ୍ରୋରେ ନୀରଜ ଚୋପ୍ରା ସ୍ୱର୍ଣ୍ଣପଦକ ହାସଲ କରିଥିବାବେଳେ କିଶୋର ଜେନା ରୌପ୍ୟ ପଦକ ପାଇଛନ୍ତି ।

ମହିଳା ୮୦୦ ମିଟର ଫାଇନାଲ୍‌ରେ ହର୍‌ମିଲାନ୍ ବେନ୍ସ ରୌପ୍ୟ ପଦକ ହାସଲ କରିଛନ୍ତି । ପୁରୁଷ ୫ ହଜାର ମିଟର ଫାଇନାଲ୍‌ରେ ଅବିନାଶ ସାବ୍‌ଲେ ରୌପ୍ୟ ପଦକ ପାଇଛନ୍ତି । ମହିଳା 4 × 400 ମିଟର ରିଲେ ଦଳଗତ ଇଭେଣ୍ଟ୍‌ରେ ଭାରତ ରୌପ୍ୟ ପଦକ ପାଇଛି ।

ତୀର ଚାଳନାରେ ଜ୍ୟୋତି ସୁରେଖା ଭେନ୍ନମ୍ ଏବଂ ଓଜସ୍ ଦେଓତାଲେ Compound Mixed Team ଫାଇନାଲ୍‌ରେ ଦକ୍ଷିଣ କୋରିଆକୁ ୧୫୯-୧୫୮ରେ ହରାଇ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି ।

ମୁଷ୍ଟିଯୁଦ୍ଧର ମହିଳା ୭୫ କିଲୋଗ୍ରାମ୍ ବର୍ଗରେ ଲଭ୍‌ଲିନା ବୋର୍‌ଗୋହିଁ ରୌପ୍ୟ ପଦକ ବିଜୟୀ ହୋଇଥିବାଲେ ପର୍‌ବିନ୍ ହୁଡ଼ା ୫୭ କିଲୋଗ୍ରାମ୍ ବର୍ଗରେ ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି ।

ସ୍କ୍ୱାସ୍‌ରେ ଅଭୟ ସିଂହ ଓ ଅନାହତ ସିଂହଙ୍କୁ ନେଇ ମିକ୍ସଡ୍ ଟିମ୍ ମାଲେସିଆ ପ୍ରତିଯୋଗୀଙ୍କଠାରୁ ହାରିଯାଇ ବ୍ରୋଞ୍ଜ୍ ପଦକ ପାଇଛନ୍ତି । ଦୀପିକା କାନିକାଲ୍ ଓ ହରିନ୍ଦର ପାଲ୍ ସିଂହ ମିକ୍ସଡ୍ ଡବଲ୍‌ସ୍ ଫାଇନାଲ୍‌ରେ ପ୍ରବେଶ କରିଛନ୍ତି । ସେମିଫାଇନାଲ୍‌ରେ ସେମାନେ ହଙ୍ଗ୍‌କଙ୍ଗ୍‌କୁ ହରାଇଛନ୍ତି । ଚୀନ୍‌ର ହେନେରୀ ଲୁଙ୍ଗ୍’ଙ୍କୁ ହରାଇ ସୌରଭ ଘୋଷାଲ୍ ସ୍କାସ୍ ପୁରୁଷ ସିଙ୍ଗଲ୍‌ସ୍ ଫାଇନାଲରେ ପ୍ରବେଶ କରିଛନ୍ତି ।

ପୂର୍ବରୁ ରାମବାବୁ ଓ ମଞ୍ଜୁରାଣୀ ୩୫ କିଲୋମିଟର ମିକ୍ସଡ୍ ରିଲେ ରେସ୍ ୱାକ୍‌ରେ ବ୍ରୋଞ୍ଜ୍ ପଦକ ବିଜୟୀ ହୋଇଥିଲେ ।

କବାଡ଼ିରେ ଭାରତୀୟ ମହିଳା ଟିମ୍ ଥାଇଲାଣ୍ଡ୍‌କୁ ୫୪-୨୨ରେ ପରାସ୍ତ କରିଛି । ପୁରୁଷ ଟିମ୍ ମଧ୍ୟ ଥାଇଲାଣ୍ଡକୁ ୬୩-୨୬ରେ ପରାସ୍ତ କରିଛି ।

ବ୍ୟାଡ୍‌ମିଣ୍ଟନ୍‌ରେ ପି.ଭି. ସିନ୍ଧୁ ଏବଂ ଏଚ୍.ଏସ୍. ପ୍ରଣୟ ସିଙ୍ଗଲ୍‌ସ୍ କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିଛନ୍ତି । ସିନ୍ଧୁ ଇଣ୍ଡୋନେସିଆର ପୁତ୍ରି କୁସୁମାଙ୍କୁ ହରାଇ ଥିବାବେଳେ ପ୍ରଣୟ କାଜାକସ୍ତାନର ଦିମିତ୍ରି ପାନାରିନ୍‌ଙ୍କୁ ହରାଇଛନ୍ତି । ସାତ୍ୱିକ୍ ସାଇରାଜ ରାଙ୍କିରେଡ୍ଡୀ ଏବଂ ଚିରାଗ ସେଟ୍ଟୀ ଇଣ୍ଡୋନେସିଆ ବିପକ୍ଷରେ ବିଜୟୀ ହୋଇଛନ୍ତି ।

ହକିରେ ଭାରତୀୟ ପୁରୁଷ ଟିମ୍ ଦକ୍ଷିଣ କୋରିଆକୁ ୩-୦ ରେ ପରାସ୍ତ କରିଛି । ଏଥିସହିତ ଟିମ୍ ସ୍ୱର୍ଣ୍ଣପଦକପାଇଁ ପ୍ରତିଯୋଗିତାରେ ପ୍ରବେଶ କରିଛି ।

କୁସ୍ତିରେ ସୁନିଲ୍ କୁମାର କିର୍‌ଗିଜ୍‌ସ୍ତାନର ଆତବେକ୍ ଆଜିସ୍‌ବେକବ୍‌ଙ୍କୁ ୨-୧ରେ ହରାଇ ପୁରୁଷ ଗ୍ରେକୋ-ରୋମାନ ୮୭ କିଲୋଗ୍ରାମ୍ ବର୍ଗରେ ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି ।

ଭଲିବଲ୍‌ରେ ମହିଳା ଟିମ୍ ନେପାଳକୁ ୩-୧ରେ ହରାଇଛି ।

ଡ୍ରାଇଭିଂରେ ସିଦ୍ଧାର୍ଥ ପରଦେଶୀ ପୁରୁଷ ୧୦ ମିଟର ପ୍ଲାଟ୍‌ଫର୍ମ ପ୍ରିଲିମିନାରୀ ରାଉଣ୍ଡ୍‌ରେ ଏକାଦଶ ସ୍ଥାନରେ ରହି ଫାଇନାଲ୍ ପାଇଁ ନିଜର ସ୍ଥିତି ନିଶ୍ଚିତ କରିଛନ୍ତି ।

*****